# ଅଧ୍ୟାୟ – IV

# ପ୍ରକଳ୍ପର ସ୍ଥିରତା ପାଇଁ ହିତଧାରୀଙ୍କ ପ୍ରଭାବକାରୀତା

# ଅଧ୍ୟାୟ – IV

## ପ୍ରକଳ୍ପର ସ୍ଥିରତା ପାଇଁ ହିତଧାରୀଙ୍କ ପ୍ରଭାବକାରୀତା

### 4.1 କ୍ଷତିପୂରକ ବୃକ୍ଷରୋପଣର ଅଭାବ

ଅଡ଼ିଟ୍‌ରେ ଏହା ଦେଖାଗଲା (ଜୁଲାଇ 2019) ଯେ, ଏସଆଇପି/ଏଲଆଇଆଇପି/ଆରଆରବିସି/ଆରଏଲବିସି କର୍ମକର୍ତ୍ତା ଉପକୂଳ ବୃକ୍ଷର ସୁରକ୍ଷା, କେନାଲ କୂଳ ବୃକ୍ଷରୋପଣ, ବନ୍ୟଜନ୍ତୁ ପରିଚାଳନା, କ୍ଷତିପୂରଣ ବୃକ୍ଷରୋପଣ ଏବଂ 3,504.43 ହେକ୍ଟର ଅଣଜଙ୍ଗଲ ଜମିର ବର୍ତ୍ତମାନ ବାସ୍ତବିକ ମୂଲ୍ୟ ନିମନ୍ତେ 282.93 କୋଟି ଟଙ୍କା ଜଙ୍ଗଲ ବିଭାଗ ନିକଟରେ ଦାଖଲ କରିଥିଲେ । ଏହି ପ୍ରକଳ୍ପ ଗୁଡ଼ିକର ନିର୍ମାଣ ପାଇଁ ବ୍ୟବହାର ହୋଇଥିବା ସମପରିମାଣ ଜଙ୍ଗଲ ଜମି ଭରଣା ହୋଇଥିଲା ଯାହା ନିମ୍ନରେ ଦର୍ଶାଯାଇଛି ।

**ସାରଣୀ-4.1: ବ୍ୟବହୃତ ଜଙ୍ଗଲ ଜମି ପ୍ରସ୍ତାବିତ କ୍ଷତିପୂରକ ବୃକ୍ଷରୋପଣ ପାଇଁ ଦାଖଲ ହୋଇଥିବା ଟଙ୍କାର ବିବରଣ ଦର୍ଶାଯାଇଛି**

| ପ୍ରକଳ୍ପ ର ନାମ | ଆବଶ୍ୟକ ଥିବା ଜଙ୍ଗଲ ଜମି ହେକ୍ଟରରେ | ଅଧିଗ୍ରହଣ ହୋଇଥିବା ଜଙ୍ଗଲ ଜମି ହେକ୍ଟର ରେ | ପ୍ରସ୍ତାବିତ କ୍ଷତି ପୂରଣ ବୃକ୍ଷରୋପଣ ହେକ୍ଟର ରେ | ଦାଖଲ ହୋଇଥିବା ଟଙ୍କା |
|---|---|---|---|---|
| ଏସଆଇପି | 1,166.07 | 1,166.07 | 1,166.07 | 1.16 |
| ଏଲ ଆଇଆଇପି | 1,042.97 | 1,042.97 | 1,042.97 | 97.21 |
| ଆରଆରବିସି/ ଆର୍ଏଲ୍‌ବିସି | 1,295.39 | 812.02 | 1,295.39 | 184.56 |
| ମୋଟ | **3,504.43** | **3,021.06** | **3,504.43** | **282.93** |

(ଉତ୍ସ; ଅଡ଼ିଟ୍ ଦ୍ୱାରା ସଙ୍କଳିତ)

ଦଶ ବର୍ଷ ପରେ ମଧ୍ୟ କେବଳ 70.93 କୋଟି ଟଙ୍କାର ୟୁସି ମିଳିଅଛି । ଯେହେତୁ ଜଙ୍ଗଲ ବିଭାଗ ତରଫରୁ ଗ୍ରହଣ ହୋଇଥିବା କୌଣସି ଟଙ୍କା ଖର୍ଚ୍ଚ ହୋଇନାହିଁ ଅବଶିଷ୍ଟ ଟଙ୍କାର କୌଣସି ୟୁସି ପ୍ରଦାନ କରାଯାଇ ନାହିଁ ଫଳରେ 212 କୋଟି ଟଙ୍କାର ସରକାରୀ ପାଣ୍ଠି ଅଟକି ରହିଛି । ସରକାର ଜଣାଇଲେ (ଜୁଲାଇ 2021) ଯେ, ଅବଶିଷ୍ଟ ପରିମାଣର ୟୁସି ଗ୍ରହଣ ପାଇଁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଅଛି ।

### 4.2 ଜଙ୍ଗଲ ଜମିର ନିକାସ ନ ହେବା

ପରିକ୍ଷା ଯାଞ୍ଚ ହୋଇଥିବା ଦୁଇଟି ପ୍ରକଳ୍ପ ରେ ଜଙ୍ଗଲ ଜମିର ନିକାସ ନ ମିଳିବାରୁ ନିର୍ମାଣ ସମାପ୍ତ ହୋଇନଥିଲା ଯାହା ଫଳରେ କୃଷକ ମାନେ ଜଳସେଚନ ରୁ ବଞ୍ଚିତ ହୋଇଥିଲେ ଯାହା ନିମ୍ନ ରେ ଦର୍ଶାଯାଇଛି ।

(i) ଯୋଜନା ଆୟୋଗ 1978 ମସିହାରେ ରେଙ୍ଗାଲୀ ବହୁମୁଖୀ ପ୍ରକଳ୍ପ ର ମଞ୍ଜୁରୀ କରିଥିଲେ । ଏହି ପ୍ରକଳ୍ପ ର ନିର୍ମାଣ ରେ 2,107.40 ହେକ୍ଟର ଜଙ୍ଗଲ ଜମିର ନିକାସ ର ଆବଶ୍ୟକ ଥିଲା । ବିଭାଗ 171.89 କୋଟି ଟଙ୍କା ଜଙ୍ଗଲ ଜମିର ନିକାସ ନିମନ୍ତେ ଦାଖଲ କରିଥିଲେ ଏବଂ 812.02 ହେକ୍ଟର ଜମିର ଷ୍ଟେଜ୍ I ଓ ଷ୍ଟେଜ୍ II ଅନୁମତି ହାସଲ କରିଥିଲେ । ବଳକା 1,295.38 ହେକ୍ଟର ଜମିର ନିକାସ ବର୍ତ୍ତମାନ ସୁଦ୍ଧା ପାଇନଥିଲେ । ଦିଗ ପରିବର୍ତ୍ତିତ କେନାଲ ମାର୍ଗର ଜଙ୍ଗଲ ଜମିର ନିକାସର ଅଭାବରୁ ଆରଆରବିସି ର ତିନୋଟି ଶାଖା କେନାଲ ର ନିର୍ମାଣ ରେ 16 ବର୍ଷରୁ ଅଧିକ ବିଳମ୍ବ ହୋଇଥିଲା (ମଇ 2003 -ଅଗଷ୍ଟ 2019) ।

ଉକ୍ତ ତଥ୍ୟକୁ ସ୍ୱୀକାର କରି ସରକାର କହିଲେ (ଜୁଲାଇ 2021) ଯେ, 812 ଓ 874.59 ହେକ୍ଟର ପାଇଁ ଷ୍ଟେଜ୍ I ଓ ଷ୍ଟେଜ୍ II ଜଙ୍ଗଲ ଅନୁମତି ଯଥାକ୍ରମେ ମିଳିସାରିଛି ଏବଂ ବାକି 429.91 ହେକ୍ଟର ର ଜଙ୍ଗଲ ଅନୁମତି ନିମନ୍ତେ ପ୍ରୟାଶ ଜାରୀ ରହିଛି ।

(ii) ଅକ୍ଟୋବର 2018 ରେ ଆରଏଲବିସି ର ଆରଡ଼ି 96.65 କିମି ଠାରେ ସୁକିନ୍ଦା ଶାଖା କେନାଲ ର ନିର୍ମାଣ ଆରମ୍ଭ ହୋଇଥିଲା । କେନାଲ ର ଲମ୍ବା 28.29 କି,ମି ଥିଲା ଓ ଏହା 6,458 ହେକ୍ଟର ଜମିକୁ ଜଳସେଚନ ନିମନ୍ତେ ପରିକଳ୍ପନା କରାଯାଇଥିଲା । 134.70 କୋଟି ଟଙ୍କାରେ କେନାଲ କାମ ଅକ୍ଟୋବର 2018 ଓ ଜୁଲାଇ 2019 ରୁ ଆରମ୍ଭ ହୋଇ ଏପ୍ରିଲ 2020 ଓ ଜାନୁଆରୀ 2021 ମଧ୍ୟରେ ସରିବାର ଥିଲା । ଯେଉଁ ସ୍ଥାନରେ ଜଙ୍ଗଲ ବିଭାଗର ଅନୁମତି ଦରକାର ନଥିଲା ସେହି ସ୍ଥାନରେ କେନାଲ କାମଟି ବିଭିନ୍ନ ପ୍ୟାଚ୍‌ରେ କରାଯାଉଥିଲା । ଯଦିଓ, 2015-16 ଠାରୁ ଯେ ଆଇସିଏ ଋଣ ସହାୟତା କୁ ମିଶାଇ ଯଥେଷ୍ଟ ପାଣ୍ଠି ଉପଲବ୍ଧ ଥିଲା, ତଥାପି ଏ ପର୍ଯ୍ୟନ୍ତ ଏହି କେନାଲ କାମଟି କେନାଲ ର ଦିଗ ପରିବର୍ତ୍ତନ ଓ ଜଙ୍ଗଲ ବିଭାଗ ଅନୁମତି ଲାଗି ସମାପ୍ତ ହୋଇପାରିଲା ନାହିଁ, ଯାହା ଜଳସେଚନ ସୁବିଧାକୁ ବିଳମ୍ବ କରିଥିଲା ଏବଂ କୃଷକ ମାନଙ୍କୁ ଅଭିଳକ୍ଷିତ ସୁବିଧାରୁ ବଞ୍ଚିତ କରିଥିଲା ।

ସରକାର ତଥ୍ୟକୁ ସ୍ୱୀକାର କରି କହିଲେ (ଜୁଲାଇ 2021) ଯେ, ଜଙ୍ଗଲ ଜମି ଓ ବେସରକାରୀ ଜମି ଅଧିଗ୍ରହଣ ଏକ ଲମ୍ବା ପ୍ରକ୍ରିୟା ଯାହା ବିଭିନ୍ନ ବିଭାଗ କୁ ନେଇ ହୋଇଥାଏ । ଯାହାହେଉ, ଏହି କେନାଲ୍ ର ଜମି ଅଧିଗ୍ରହଣ ପ୍ରକ୍ରିୟା 95 ପ୍ରତିଶତ ସରିଥିଲା ଏବଂ ପରୀକ୍ଷା ମୂଳକ ଜଳସେଚନ 2021-22 ମସିହା ମଧ୍ୟ ରେ ଆଶା କରାଯାଉଥିଲା ।

## 4.3 କୃଷି କାର୍ଯ୍ୟ ନିର୍ବାହୀ ମାନଙ୍କର ଭାଗିଦାରୀ

ଡ଼ିଏ ଏବଂ ଏଫଇ ଙ୍କ ଦ୍ୱାରା ଡ଼ିପିଆର ରେ ଆକଳିତ ଏବଂ ପ୍ରସ୍ତାବିତ ଜଳସେଚନ ର ପ୍ରଗାଢତା[31] ନିମ୍ନ ସାରଣୀ ରେ ଦିଆଯାଇଛି

**ସାରଣୀ-4.2: ପ୍ରକଳ୍ପ ଡ଼ିପିଆର ରେ ଚାଷ ଯୋଗ୍ୟ କ୍ଷେତ୍ର ରେ ପ୍ରସ୍ତାବିତ ଜଳସେଚନ ର ପ୍ରଗାଢତାର ବିସ୍ତୃତ ବିବରଣୀ**

| ପ୍ରକଳ୍ପ ର ନାମ | ଜଳ ସେଚନ ପ୍ରଗାଢତା (ଶତକଡ଼ା ରେ) | ଫସଲ ର ପ୍ରକାର |
|---|---|---|
| ଏସଆଇପି | 171 | **ଖରିଫ୍**-ଧାନ,ତୈଳବିଜ, ଡ଼ାଲି ଏବଂ ପନିପରିବା<br>**ରବି**- ଗହମ,ଡ଼ାଲି,ପନିପରିବା, ଆଳୁ ଇତ୍ୟାଦି |
| ୟୁଆଇଆଇପି (ସଂପ୍ରସାରଣ) | 164 | **ଖରିଫ୍**-ଧାନ<br>**ରବି**-ଧାନ,ପନିପରିବା ଏବଂ ଡ଼ାଲି<br>**ବାର୍ଷିକ ଫସଲ**-ପନିପରିବା ଏବଂ ଆଖୁ. |
| ଏଲଆଇଆଇପି | 130 | **ଖରିଫ୍**–ଧାନ.ମାଣ୍ଡିଆ ଏବଂ ମକା<br>**ରବି**- ଗହମ,ଡ଼ାଲି,ବାଦାମ,ପନିପରିବା,ଆଳୁ,ରାଶି ଏବଂ ଶୋରିଷ |
| ଆରଆରବିସି/ଆରଏଲବିସି | 170 | **ଖରିଫ୍**–ଧାନ, ଆଖୁ,ପନିପରିବା ଇତ୍ୟାଦି<br>**ରବି**- ଗହମ,ଡ଼ାଲି,ପନିପରିବ. ତୈଳବୀଜ ଇତ୍ୟାଦି |
| ଏମଏଲପି | 100 | **ଖରିଫ**–ଧାନ, ତୈଳବୀଜ ,ପନିପରିବା ଇତ୍ୟାଦି |
| ଏମଆଇପି | ପରୀକ୍ଷା ଯାଞ୍ଚ ହୋଇଥିବା ଦଶଟି ପ୍ରକଳ୍ପ ରେ ଜଳସେଚନ ପ୍ରଗାଢତାର ହିସାବ ନ ଥିଲା । | |

(ଉତ୍ସ: ଅଡ଼ିଟ୍ ଦ୍ୱାରା ସଂକଳିତ)

ଅଡ଼ିଟ୍ ଅଗଷ୍ଟ 2019 ରେ ସିଡ଼ିଏଓ ଙ୍କ ନଥିପତ୍ର ଯାଞ୍ଚ ପରୀକ୍ଷା କରି ଏବଂ ଜଳସେଚିତ କ୍ଷେତ୍ରର ମିଳିତ ଅନୁସନ୍ଧାନ କରି ଦେଖିଲା ଯେ ପ୍ରକଳ୍ପ ଡ଼ିପିଆର ରେ ବିବିଧ ଫସଲ ଚାଷ ହେବାପାଇଁ ଦର୍ଶାହୋଇଥିବା ସ୍ଥଳେ କେବଳ ଧାନ ଚାଷ ହୋଇଥିଲା ।

## 4.4 ପରୀକ୍ଷା ଯାଞ୍ଚ ହୋଇଥିବା ପ୍ରକଳ୍ପ ରେ ଶିଳ୍ପସଂସ୍ଥା ମାନଙ୍କ ଦ୍ୱାରା ଶକ୍ତି ଉତ୍ପାଦନ

ସମଲ ବ୍ୟାରେଜ୍ ଅନୁଗୁଳ ର ଆରଏଲବିସି ର ଡ଼ାହାଣ ପାର୍ଶ୍ୱ ରେ 20 ମେଗାୱାଟ୍ ବିଶିଷ୍ଟ ଏକ କ୍ଷୁଦ୍ର ଜଳ ବିଦ୍ୟୁତ୍ ଶକ୍ତି ପ୍ରକଳ୍ପ ର ସ୍ଥାପନା, କାର୍ଯ୍ୟକାରିତା ଏବଂ ରକ୍ଷଣାବେକ୍ଷଣ ନିମନ୍ତେ ସିଇ ଏବଂ ବିଏମ୍, ବ୍ରାହ୍ମଣୀ ବାମ ଅବବାହିକା, ସମଲ ଓଡ଼ିଶା ଶକ୍ତି କନ୍‌ସୋର୍ଟିୟମ ଏକ ବେସରକାରୀ ଲିମିଟେଡ୍ କମ୍ପାନୀ ସହ ଚୁକ୍ତି ସାକ୍ଷର କରିଥିଲେ ( ମଇ 2006) । ଅଡ଼ିଟ୍ ଅନୁଧ୍ୟାନ କଲା ଯେ ଭୁଲ କେନାଲ କାମ ଯୋଗୁଁ ସୃଷ୍ଟି ହୋଇଥିବା ଆଇପି ର କେବଳ 34 ପ୍ରତିଶତ ବ୍ୟବହାର ହୋଇଛି । ଶକ୍ତି ଉତ୍ପାଦନ ଏବଂ ଜଳସେଚନ ଉଭୟ ପାଇଁ ଜଳର ଯଥେଷ୍ଟତା କୁ ସୁନିଶ୍ଚିତ କରିବା ପାଇଁ ଆରଏଲବିସି ର ଡ଼ିପିଆର ରେ ଲିଖିତ ନ ଥିଲା । ଯାହାହେଉ , ଜଳ ର ପ୍ରବାହ କୁ ବଦଳାଇ ଶକ୍ତି ଉତ୍ପାଦନ ନିମନ୍ତେ ସର୍ବାଧିକ ବ୍ୟବହାର ଶିଳ୍ପ ଦ୍ୱାରା ହୋଇଥିଲା ।

[31] ଜଳସେଚନର ପ୍ରଗାଢତା ବର୍ଷକ ମଧରେ କମାଣ୍ଡ ଏରିଆ କୁ ପ୍ରସ୍ତାବିତ ଜଳସେଚନ ର ପ୍ରତିଶତ ଭାବରେ ବର୍ଣ୍ଣିତ

## 4.5 ଶିଳ୍ପର ବ୍ୟବହାର ନିମନ୍ତେ ପ୍ରକଳ୍ପରେ ଜଳର ଯୋଗାଣ

ରେଙ୍ଗାଲି ବହୁମୁଖୀ ପ୍ରକଳ୍ପ ର ଡ଼ିପିଆର୍ ରେ ଏହା ଦର୍ଶାଯାଇନଥିଲା ଯେ ଶିଳ୍ପ ର ବ୍ୟବହାର ନିମନ୍ତେ ଜଳଯୋଗାଣ କରାଯିବ । କେନାଲ୍ ର ନିର୍ମାଣ ରେ ବିଳମ୍ବ ହେତୁ ପରିକଳ୍ପିତ ଜଳସେଚିତ କ୍ଷେତ୍ରକୁ ଜଳଯୋଗାଣ ହୋଇପାରିନଥିଲା । ଏହି ଜଳସେଚନ ଜଳ କୁ ଶିଳ୍ପ ର ବ୍ୟବହାର ନିମନ୍ତେ ପରିବର୍ତ୍ତିତ କରାଯାଇଥିଲା ଏପରିକି ଶିଳ୍ପ ଗୁଡ଼ିକ ସରକାର ଙ୍କୁ ବୈଧ ଦେୟ ପ୍ରଦାନ କରିନଥିଲେ ଫଳରେ 1,441.83 କୋଟି ଟଙ୍କା କମ୍/ଅନାଦେୟ ରହିଅଛି ଯାହା ***ପରିଶିଷ୍ଟ I*** ରେ ବିସ୍ତୃତ ଭାବରେ ଦର୍ଶାଯାଇଛି ।

**ସୁପାରିଶ:**

- **ସରକାରଙ୍କୁ ଚାଷୀଙ୍କ ସହ ମିଶି ପାରସ୍ପାରିକ ପ୍ରତିକ୍ରିୟା ମାଧମରେ ପ୍ରକଳ୍ପ ପ୍ରସ୍ତାବରେ ଦର୍ଶାଯାଇଥିବା ବିବିଧ ଫସଲ ପ୍ରଣାଳୀ ଆପଣେଇବା ପାଇଁ ପଦକ୍ଷେପ ନେବା ଦରକାର ।**
- **ଶିଳ୍ପ ଗୁଡ଼ିକ ଠାରୁ ଜଳସେଚନ ପ୍ରକଳ୍ପ ଗୁଡ଼ିକରୁ ପାଣି ବ୍ୟବହାର ନିମନ୍ତେ ବୈଧ ଜଳକର ର ଦାବୀ ନ କରିବା/ ଅନାଦେୟ ନିମନ୍ତେ କର୍ମକର୍ତ୍ତା ମାନଙ୍କ ଉପରେ ଉତ୍ତରଦାୟୀତ୍ୱ ସ୍ଥିର ହେବା ଦରକାର ।**